“ ସବୁ ଅଭ୍ୟାସ ଭିତରେ– ମୃତ୍ୟୁ ହେଉଛି ସବୁଠାରୁ ଅବାଧ ଅଭ୍ୟାସ। .. କିନ୍ତୁ ଭୟ କରନା। ଭଗବାନ ମୃତ୍ୟୁଠାରୁ ଅଧିକ ଶକ୍ତିଶାଳୀ ଏବଂ ସେ ତୁମ ପାଖେ ପାଖେ ଅଛନ୍ତି। ... ମୃତ୍ୟୁକୁ ଇଚ୍ଛା କରନା କି ମୃତ୍ୟୁକୁ ସମ୍ମତି ଦିଅନା ଏବଂ ମୃତ୍ୟୁକୁ ଭୟ ମଧ୍ୟ କରନା। **–ଶ୍ରୀମା**



# ବିଳମ୍ବରେ ନିଯୁକ୍ତି



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ପୂର୍ବତନ ତୈଳ ସଚିବ ତରୁନ କପୁର ପେଟ୍ରୋଲିୟମ ଆଣ୍ଡ୍ ନ୍ୟାଚୁରାଲ ଗ୍ୟାସ୍ ରେଗୁଲେଟୋରି ବୋର୍ଡ ବା ତୈଳ ଓ ପ୍ରାକୃତିକ ଗ୍ୟାସ ନିୟାମକ ବୋର୍ଡ (ପିଏନ୍‌ଜିଆର୍‌ବି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି । ସାଧାରଣତଃ ଶିଳ୍ପ କ୍ଷେତ୍ରରେ ଅନେକ ବର୍ଷ ପରେ ଅର୍ଥାତ ବିଳମ୍ବରେ ଯଦି ସରକାର ଏକ ନିୟାମକ ବୋର୍ଡରେ ଜଣେ ରେଗୁଲେଟରଙ୍କୁ ନିଯୁକ୍ତ କରନ୍ତି ସେଥିରେ ତାଙ୍କର ସ୍ୱାର୍ଥ ନିହିତ ଥାଏ। ସେଥିପାଇଁ ଏବେ ଏହାକୁ ନେଇ ଅଏଲ୍ ସେକ୍ଟର ସହ ଜଡ଼ିତ ବ୍ୟକ୍ତି, ସଂସ୍ଥା ଓ କମ୍ପାନୀଗୁଡ଼ିକ ବିବ୍ରତ ହେଉଛନ୍ତି। ଏବକାର ରେଗୁଲେଟର ତୈଳ ସେକ୍ଟର୍ ଓ ଏହାର ସମସ୍ୟା ଉପରେ କିଛି ନୂଆ ବିଚାର ନେଇ କାମ କରିବେ କି ନାହିଁ ତାହାକୁ ନେଇ ତୈଳ ବିଜ୍‌ନେସ ସହ ଜଡ଼ିତ ସଂସ୍ଥା ବା ବ୍ୟକ୍ତିମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ବିଶେଷ କରି ପ୍ରସ୍ତାବିତ ବିପିସିଏଲ୍ ବିକ୍ରି ଲାଗି ଅଧିକ ପଦକ୍ଷେପ ନିଆଯାଇ ନ ଥିବାରୁ ଏଭଳି ଚିନ୍ତା ପ୍ରକାଶ ପାଇବା ସ୍ୱାଭାବିକ। କିନ୍ତୁ ବଡ଼ କଥା ହେଉଛି, ସବୁ ତୈଳ କମ୍ପାନୀ ଏବଂ ନିୟାମକର ରଣନୀତିକ ଗୁରୁତ୍ୱ ଦୃଷ୍ଟିରୁ ଅଧିକାଂଶ ବ୍ୟବସାୟୀ, ସଂସ୍ଥା ଏବଂ ନିବେଶକ ବିଜ୍‌ନେସ ସଞ୍ଚାଳନରେ ଅନିଶ୍ଚିତତା ଦୂର କରିବାରେ କପୁରଙ୍କ ବିଚାର କ’ଣ ରହୁଛି ତାହା ଦେଖିବାକୁ ଚାହିଁବେ। ଗତ ନଭେମ୍ବରରେ ପିଏନ୍‌ଜିଆର୍‌ବି ଅଧ୍ୟକ୍ଷ ପଦ ଲାଗି ସରକାର ପୁନର୍ବାର ବିଜ୍ଞାପନ ପ୍ରକାଶ କରିଥିଲେ। ଏହା ଅନୁଯାୟୀ ତୈଳ ଓ ପ୍ରାକୃତିକ ଗ୍ୟାସ ନିଗମ ( ଓଏନ୍‌ଜିସି)ର ପୂର୍ବତନ ଅଧ୍ୟକ୍ଷ ସୁଭାଷ କୁମାର ଓ ଶଶି ଶଙ୍କର ଏବଂ ଭାରତୀୟ ତୈଳ ନିଗମ ( ଆଇଓସି)ର ପୂର୍ବତନ ନିର୍ଦ୍ଦେଶକ ଜି.କେ. ସତିଶଙ୍କ ସମେତ ୧୩ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରୁ କପୁରଙ୍କୁ ଚୟନ କରାଯାଇଥିଲା। ଏହି ପଦବୀରେ ଦିନେଶ କେ.ସରିଫ୍ ତାଙ୍କ ତିନି ବର୍ଷ କାର୍ଯ୍ୟକାଳ ଶେଷ କରିବା ପରେ ଡିସେମ୍ବର ୨୦୨୦ରୁ ଏହା ଖାଲି ପଡ଼ିଥିଲା। କୌତୂହଳର ବିଷୟ, ଉକ୍ତ ପଦବୀ ପାଇଁ ଚୟନ କମିଟି ପ୍ରଥମେ ପୂର୍ବତନ ଶକ୍ତି ସଚିବ ଏସ୍.ଏନ୍. ଶାହିଙ୍କୁ ବାଛିଥିଲେ ମଧ୍ୟ ସରକାର ତାଙ୍କ ନିଯୁକ୍ତି ନିଶ୍ଚିତ ନ କରି ସେହି ପଦବୀ ଲାଗି ପୁନର୍ବାର ବିଜ୍ଞାପନ ଦେଇଥିଲେ।

### ଆଇବି କ୍ୟାଡର ପୁନର୍ଗଠନ

ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ପୁନର୍ଗଠନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ସୁପାରିସ୍ କରିବାର ପାଖାପାଖି ଦୁଇବର୍ଷ ପରେ ଏବେ ପୁନର୍ବାର ଆଗକୁ ବଢ଼ିଛି। ଆଇବି କ୍ୟାଡର୍‌ର କାର୍ଯ୍ୟଧାରାକୁ ଅଧିକ ପ୍ରଭାବୀ କରିବା ଏହାର ଲକ୍ଷ୍ୟ ବୋଲି ସୂତ୍ରରୁ ଜଣାପଡ଼ିଛି। ମନ୍ତ୍ରଣାଳୟ ନିଯୁକ୍ତିର ପ୍ରବେଶ ସ୍ତରରେ ଆସିଷ୍ଟାଣ୍ଟ ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଅଫିସର–II (ଏସିଆଇଓ–II)କୁ ୭,୮୯୮ରୁ ୫,୮୯୮କୁ ହ୍ରାସ କରିବାକୁ ସ୍ୱୀକୃତି ଦେଇଛି। ଏସିଆଇଓ–I, ଡେପୁଟି ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଅଫିସର, ଆସିଷ୍ଟାଣ୍ଟ ଡାଇରେକ୍ଟର, ଜଏଣ୍ଟ ଡେପୁଟି ଡାଇରେକ୍ଟର ଏବଂ ଆଡିଶନାଲ ଡେପୁଟି ଡାଇରେକ୍ଟର ପଦବୀଗୁଡ଼ିକ ସଂଖ୍ୟା ୧,୫୫୮କୁ ବୃଦ୍ଧି କରାଯାଇଛି। ଏହା ସହ ସ୍ପେଶିଆଲ ଆସିଷ୍ଟାଣ୍ଟ ସଂଖ୍ୟା ୩,୮୪୮ରୁ ୪,୨୯୦କୁ ବୃଦ୍ଧି କରାଯାଇଛି। ନିଃସନ୍ଦେହ, ପାରପାର୍ଶ୍ୱିକ ସ୍ଥିତିରେ ଦ୍ରୁତ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆନ୍ତଃ ସୁରକ୍ଷା ବ୍ୟବସ୍ଥାର କ୍ଷମତା ବୃଦ୍ଧି କରିବା ପାଇଁ ଏଭଳି ପୁନର୍ଗଠନ କରାଯାଇଛି। ଆଇବି ଯେଭଳି ଦେଶ ଭିତରେ ବ୍ୟାପକ ଗୋଇନ୍ଦା ତଥ୍ୟ ସଂଗ୍ରହ କରୁଛି ଅନ୍ୟ କୌଣସି ସଂସ୍ଥା ସେଭଳି କରୁନାହିଁ। ଏମ୍‌ଏଚ୍‌ଏ ସହ ଜଡ଼ିତ ଥିବାରୁ ସନ୍ତ୍ରାସବାଦ ମୁକାବିଲା କ୍ଷେତ୍ରରେ ଗୁପ୍ତ ତଥ୍ୟ ହାସଲ କରିବା ଏହାର ଦାୟିତ୍ୱ । ରାଜନୈତିକ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ଏହାର ଭୂମିକା ରହୁଛି। ଏଥିପାଇଁ ଆଇବି ରାଜନୈତିକ ଗୁରୁଙ୍କ ବୋଲକରା ସାଜୁଛି ବୋଲି ସରକାରଙ୍କ ବିରୋଧୀମାନେ ବହୁସମୟରେ ଅଭିଯୋଗ କରୁଛନ୍ତି। ଆଇବିକୁ ଉତ୍ତମ ଏବଂ ଅଧିକ ଦକ୍ଷ ସଂସ୍ଥା ଭାବେ ଗଢ଼ି ତୋଳିବାକୁ କରାଯାଇଥିବା କ୍ୟାଡର୍ ପୁନର୍ଗଠନରୁ କି ସୁଫଳ ମିଳୁଛି ତାହା ଦେଖିବାକୁ ବାକି ରହିଲା।

### ଘର ଅଭାବ

ଅବସର ପରେ ବିଶେଷକରି ଯେଉଁ ବାବୁମାନଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରାଯାଇଥାଏ ସେମାନେ ସରକାରୀ ଘରେ ରହିଥାଆନ୍ତି। ବାବୁମାନଙ୍କର ଏଭଳି ପ୍ରବୃତ୍ତି ବନ୍ଦ କରିବା ଲାଗି ମହାରାଷ୍ଟ୍ର ସରକାର ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ଅଧିକାରୀମାନଙ୍କ ପାଇଁ ଘରର ଘୋର ଅଭାବ ରହିଥିବାରୁ ସାଧାରଣ ପ୍ରଶାସନ ବିଭାଗ(ଜିଏଡି) ଅବସର ନେଉଥିବା ଏପରିକି ଅବସର ପରେ ସରକାରୀ ଦାୟିତ୍ୱରେ ଥିବା ବାବୁମାନଙ୍କୁ ଘର ନ ଦେବା ଲାଗି ନିଷ୍ପତ୍ତି ନେଇଛି। ଜିଏଡିର ଉପ ସଚିବ ଡି.ପି. ଦେଶମୁଖ ଏହି ନିଷ୍ପତ୍ତି ହାଉସିଂ ଡିପାର୍ଟମେଣ୍ଟକୁ ଜଣାଇ ଦେଇଛନ୍ତି। ଏହି ନିଷ୍ପତ୍ତିରେ ଏବେ ଅତିକମ୍‌ରେ ଦୁଇଜଣ ବରିଷ୍ଠ ବାବୁ କେ.ଶବ୍‌ଜି ଏବଂ ଏସ୍.ଆର୍.ଜଗତାପ୍ ପ୍ରଭାବିତ ହୋଇଛନ୍ତି। ସେବାନିବୃତ୍ତ ପରେ ସେମାନଙ୍କୁ ମହାରେରା ଆପିଲେଟ ଟ୍ରିବ୍ୟୁନାଲର ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ଦେଶମୁଖଙ୍କ ଅନୁଯାୟୀ,ବଦଳି ହୋଇଥିବା କିମ୍ବା ଅବସର ନେଇଥିବା ୭୦ରୁ ଊର୍ଦ୍ଧ୍ୱ ବାବୁ ସେମାନଙ୍କ ସରକାରୀ ଘର ଛାଡିନାହାନ୍ତି। ଫଳରେ କାର୍ଯ୍ୟରତ ବାବୁମାନପାଇଁ ଘର ଅଭାବ ପଡୁଛି ଓ ସେମାନେ ଅଧିକାରରୁ ବଞ୍ଚିତ ହେଉଛନ୍ତି। ବହୁ ଘଟଣାରେ ବାବୁମାନେ ଘର ବାବଦରେ ସରକାରଙ୍କୁ ଭଡ଼ା ଦେଉଛନ୍ତି ଏବଂ ଜିଏଡି ମଧ୍ୟ ସେମାନଙ୍କଠାରୁ ଦେୟ ଆଦାୟ କରିବାରେ ସଫଳ ହୋଇପରିନାହାନ୍ତି। ତେବେ ସରକାରଙ୍କର ଏବକାର ନିଷ୍ପତ୍ତି ପରେ ସ୍ଥିତି ଭିନ୍ନ ହେବ କି ?

Email: dilipcherian@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 9 | 8 | 1 | | |
| | | 3 | | 1 | 4 | | | |
| | | | 3 | | | | 4 | 5 |
| 4 | | 8 | 7 | | 2 | | | 3 |
| | | 1 | | 3 | | | | |
| | 2 | | | | | 6 | | 4 |
| | | | | | 7 | | 5 | 9 |
| | 5 | | | | | 8 | | |
| 8 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 2 | 3 | 8 | 4 | 7 | 9 | 1 |
| 4 | 9 | 3 | 7 | 2 | 1 | 8 | 6 | 5 |
| 7 | 1 | 8 | 5 | 6 | 9 | 3 | 2 | 4 |
| 9 | 3 | 1 | 8 | 4 | 5 | 2 | 7 | 6 |
| 2 | 4 | 7 | 6 | 9 | 3 | 5 | 1 | 8 |
| 6 | 8 | 5 | 1 | 7 | 2 | 9 | 4 | 3 |
| 3 | 5 | 4 | 9 | 1 | 7 | 6 | 8 | 2 |
| 1 | 7 | 6 | 2 | 3 | 8 | 4 | 5 | 9 |
| 8 | 2 | 9 | 4 | 5 | 6 | 1 | 3 | 7 |

ଗତକାଲିର ଉତ୍ତର



# ପୁସ୍ତକ ପରିବର୍ତ୍ତେ ପୋଷ୍ଟର

**ଅକ୍ଷୟ କୁମାର ମିଶ୍ର**

ରାଜ୍ୟରେ ପଞ୍ଚାୟତ ନିର୍ବାଚନର ଉଷ୍ମତା ବେଶ୍ ପ୍ରଖର ହେବାରେ ଲାଗିଲାଣି। ସୀମିତ ସାଥୀ ସମର୍ଥକଙ୍କୁ ସାଙ୍ଗରେ ଧରି ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। କାନ୍ଥବାଡ଼ ସବୁଠି ବ୍ୟାନର ଓ ପୋଷ୍ଟର ଛାଇ ହୋଇଗଲାଣି। ପ୍ରତିଶ୍ରୁତି ଭିତରେ ଭୋଟ ଗ୍ରହଣ ସରିବ। ତା’ପରେ ନୂଆ ନିୟମ ଅନୁଯାୟୀ ଭୋଟ ଗଣନା ହେବ। ପ୍ରଥମକରି ଭୋଟ ଦାନ କେନ୍ଦ୍ରରେ ସେହିଦିନ ଭୋଟ ଗଣତି ନ ହୋଇ ରାଜ୍ୟତମାମ ଗୋଟିଏ ଦିନ ଗଣନା କରାଯାଇ ଫଳ ପ୍ରକାଶ ପାଇବ। ତା’ପରେ ପଞ୍ଚାୟତ ସମିତି ଓ ଜିଲା ପରିଷଦ ଗଠନ ସରିବ।

ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ପଞ୍ଚାୟତିରାଜର ଭୂମିକା ଯେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏଥିରେ କେହି ଅସ୍ୱୀକାର କରିପାରିବେ ନାହିଁ। ସେହି ଦୃଷ୍ଟିରୁ ବୋଧହୁଏ ରାଜ୍ୟ ନିର୍ବାଚନ ଆୟୋଗ ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିର୍ବାଚନ କରେଇବା ନିଷ୍ପତ୍ତି ଗ୍ରହଣ କରିଛନ୍ତି। କରୋନା ସଂକ୍ରମଣ ସମୟରେ ଆରମ୍ଭ ହୋଇଛି ଏପ୍ରକାର ଗଣତାନ୍ତ୍ରିକ ମହାମିଳନ। ଅବଶ୍ୟ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନର କିଛି ପ୍ରାବଧାନ ଜାରି କରିଛନ୍ତି। ସଭା ଶୋଭାଯାତ୍ରାକୁ ନିଷିଦ୍ଧ କରିଛନ୍ତି। ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ। କିନ୍ତୁ ଗ୍ରାମାଞ୍ଚଳରେ କିଛି ବେଦନାଦାୟକ ଦୃଶ୍ୟ ମୋତେ ଗଭୀର ଭାବେ କ୍ଷତାକ୍ତ କରିଛି। ମନରେ ଜାତ ଅସନ୍ତୋଷକୁ ସମ୍ବରଣ କରି ନ ପାରି ଏଭଳି ଏକ ଆଲେଖ୍ୟ ଲେଖିବାକୁ ବାଧ ହେଲି ।

କଥାଟି ହେଲା କିଏ ଅବା ନ ଜାଣିଛି ମାନବ ସମ୍ବଳ ବିକାଶର ଅସଲ ଚାବିକାଠିଟି ଶିକ୍ଷା ନିକଟରେ ଅଛି ବୋଲି। ସଭାସମିତି, ଆଲୋଚନା ପର୍ଯ୍ୟାଲୋଚନା ସବୁଠି ଶିକ୍ଷା ଉପରେ ବେଶ୍ ଭାବଗର୍ଭକ କଥାମାନ ଶୁଣିବାକୁ ମିଳିଥାଏ। ପୁଣି ପିଲାମାନେ ଆମ ଦେଶର ଭବିଷ୍ୟତ ବୋଲି ଆମେ ସଭିଏଁ କଥା କଥାକେ ଉଚ୍ଚାରଣ କରିଥାଉ। କିନ୍ତୁ ଆମ ଆଚରଣରେ ଏହା କେତେ ପ୍ରତିଫଳିତ ହେଉଛି, ପିଲାମାନଙ୍କର ବୌଦ୍ଧିକ ବିକାଶ ନିମନ୍ତେ ଆମେ କେତେ ତତ୍ପର ତାହାହିଁ ବିଚାର୍ଯ୍ୟ।

ଗୋଟିଏ ଦେଶର ବିକାଶ ସେ ଦେଶର ସରକାର ଅବା ଜନସାଧାରଣଙ୍କର ଶିକ୍ଷା ବିଭାଗ ଉପରେ ଥିବା ଦୃଷ୍ଟିଭଙ୍ଗୀରୁ ପରିଷ୍କାର ହୋଇଥାଏ। କିନ୍ତୁ ବିଡ଼ମ୍ବନା ହେଉଛି ଶିକ୍ଷା ଏକ ଅଣଉତ୍ପାଦିତ କ୍ଷେତ୍ର ବୋଲି ଥିବା ମାନସିକତାରୁ ଏ ଯାଏ ଆମ୍ଭେ ମୁକ୍ତ ହୋଇପାରି ନାହୁଁ। ଏହାର ଚାକ୍ଷୁସ ପ୍ରମାଣ ହେଲା ବର୍ତ୍ତମାନର ଘଟଣାବଳୀ। ଶିକ୍ଷାକୁ ନେଇ ଆମର ଭାବାବେଗ ଓ ଚିନ୍ତନର କଙ୍କାଳସାର ଚେହେରା କରୋନାଜନିତ ମହାମାରୀ ସମୟରେ ସମସ୍ତଙ୍କ ସାମ୍ନାରେ ପ୍ରକଟିତ ହୋଇଛି।

ସ୍ମରଣ କରାଇଦେଉଛି ୨୦୨୦ ମାର୍ଚ୍ଚ ୧୭ରେ ଆମ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ତାଲା ପକାଇ ଦିଆଗଲା। ଏମିତିକି ଉଚ୍ଚ ମାଧ୍ୟମିକ ପରୀକ୍ଷାକୁ ମଧ୍ୟ ଅଧାରୁ ବନ୍ଦ କରିଦିଆଗଲା। ପ୍ରଥମରୁ ନବମ ଶ୍ରେଣୀ ପିଲାଙ୍କର ପରୀକ୍ଷା କରାଗଲା ନାହିଁ। ବିନା ପରୀକ୍ଷାରେ ସେମାନେ ଉପର ଶ୍ରେଣୀକୁ ପଦୋନ୍ନତି ପାଇଲେ। ସେହିଦିନଠାରୁ ଅଦ୍ୟାବଧି ପ୍ରଥମରୁ ପଞ୍ଚମଶ୍ରେଣୀରେ ପଢୁଥିବା ପିଲାମାନେ ବିଦ୍ୟାଳୟ ବାରଣ୍ଡା ମାଡ଼ିବାର ସୁଯୋଗରୁ ବଞ୍ଚିତ। ଅର୍ଥାତ୍ ଯେଉଁ ଶିଶୁଟି ପ୍ରଥମ ଶ୍ରେଣୀରେ ପଢୁଥିଲା ସେ ଏବେ ତୃତୀୟ ଶ୍ରେଣୀରେ। ଆଉ କିଛି ଦିନ ପରେ ସେ ଚତୁର୍ଥକୁ ଯିବ, ବିଦ୍ୟାଳୟକୁ ନ ଯାଇ। ତଦନୁଯାୟୀ ଅନ୍ୟ ପିଲାମାନେ ମଧ୍ୟ ପାଠ ନ ପଢ଼ି ସେମିତି ପାହାଚ ଚଢ଼ିଲେ। ପରୀକ୍ଷା ବନ୍ଦ କରିବା ପାଇଁ କିଛି ପିଲା ରାସ୍ତାକୁ ଆସି ଆନ୍ଦୋଳନ କଲେ। ଏହା ପଛରେ କିଏ? ଏହା ସପକ୍ଷରେ କେତେ? ପରୀକ୍ଷା ବାତିଲ ହେଲେ କ’ଣ ପ୍ରଭାବ ପଡ଼ିବ? ଏସବୁ ବିଷୟରେ ତର୍ଜମା ହେଲା ନାହିଁ। ହଠାତ୍ ଘୋଷଣା ହେଲା ପରୀକ୍ଷା ବାତିଲ। ମନେ ହେଲା ସତେଯେମିତି ସରକାର ଏହାହିଁ ଚାହିଁଥିଲେ। ଉଚ୍ଚ ଶିକ୍ଷାରେ ମଧ୍ୟ ସମାନ ଚିତ୍ର। ଅବଶ୍ୟ ସରକାର ଅନ୍‌ଲାଇନ୍ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇ ୟୁ–ଟ୍ୟୁବ୍ ଓ ଦୂରଦର୍ଶନ ମାଧ୍ୟମରେ ପାଠପଢ଼ା ଜାରି କରିଥିଲେ। କନ୍ତୁ ବିଭିନ୍ନ ଅସୁବିଧା କାରଣରୁ ୮୦ପ୍ରତିଶତରୁ ଅଧିକ ପିଲାଙ୍କ ନିକଟରେ ତାହା ଉପଲବ୍ଧ ହେଲା ନାହିଁ। ଫଳରେ ନାନାଦି ସମସ୍ୟା ସାଙ୍ଗକୁ ଅସଙ୍ଗତି ଓ ଅସାମ୍ୟ ଜନ୍ମ ନେଲା।

୨୦୧୯–୨୦ ଓ ୨୦୨୦–୨୧ ଶିକ୍ଷାବର୍ଷ ଧୋଇ ହୋଇଗଲା ପରେ ଆଶା କରାଯାଉଥିଲା ୨୦୨୧–୨୨ ଶିକ୍ଷାବର୍ଷରେ ସୁଧାର ଆସିବ। ସାଙ୍ଗ ସାଥୀ ମେଳରେ ପିଲାମାନେ ସ୍କୁଲ ଯିବେ। ସେମାନଙ୍କ ମୁହଁରେ ହସ ଫୁଟିବ। ବିଦ୍ୟାଳୟ ଚଳଚଞ୍ଚଳ ହେବ। ଆମ ଭବିଷ୍ୟତ ସମୃଦ୍ଧ ହେବ। ତାହାହିଁ ହେଲା। ବିଳମ୍ବରେ ହେଲେ ମଧ୍ୟ ଜୁଲାଇ ୨୬ରେ ଦଶମ ଓ ଦ୍ୱାଦଶ ଏବଂ ଅଗଷ୍ଟ ୧୬ତାରିଖ ଦିନ ନବମ ଓ ଏକାଦଶ ଶ୍ରେଣୀ ଖୋଲିଲା। ଅକ୍ଟୋବର ୨୬ରେ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହେଲା। ତା’ପରେ ଷଷ୍ଠ ଓ ସପ୍ତମ ଶ୍ରେଣୀ। ଅନୁରୂପ ଭାବେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହେଲା। ଲୋକେ ଆଶ୍ୱସ୍ତ ହେଲେ। ପ୍ରଥମରୁ ପଞ୍ଚମ ପରେ ପରେ ଖୋଲିଯିବ ବୋଲି ସୂଚନା ମିଳୁଥିଲା। ସମସ୍ତେ ସେହି ଶୁଭ ଖବର ଶୁଣିବା ପାଇଁ ଅନାଇ ବସିଥିଲେ। କେବେ ଆମ ରାଜ୍ୟର କୁନାକୁନି କାନ୍ଧରେ ବହି ବସ୍ତାନି ପକାଇ ବିଦ୍ୟାଳୟ ଅଭିମୁଖୀ ହେବେ। ସବୁକିଛି ସ୍ୱାଭାବିକ ଅବସ୍ଥାକୁ ଫେରି ଆସୁଥିବା ବେଳେ ପୁଣି ଆରମ୍ଭ ହୋଇଗଲା କରୋନାର ତୃତୀୟ ଲହର। ଓମିକ୍ରନ୍ ଭୂତାଣୁର ଜୟଯାତ୍ରା। କଥା ସରିଲା। ପ୍ରତିଷେଧାତ୍ମକ ପଦକ୍ଷେପ ଗ୍ରହଣ କରିବାରେ ଆମେ ଅଦ୍ୱିତୀୟ। କାହାକୁ ଅଙ୍ଗୁଳି ଉଠାଇବାର ସୁଯୋଗ ନ ଦେଇ ଜାନୁୟାରୀ ୮ତାରିଖଠାରୁ ପୁଣି ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଗଲା। ଘରର ଚାରି କାନ୍ଥ ଭିତରେ ଆବଦ୍ଧ ହୋଇଗଲେ କେଜିରୁ ପିଜି ପଢୁଥିବା ରାଜ୍ୟର ସମସ୍ତ ବିଦ୍ୟାର୍ଥୀ। ବ୍ୟତିକ୍ରମ ହେଉଛି କୋଭିଡ କଟକଣା ସହିତ ହାଟ ବଜାର, କଳକାରଖାନା, ଖଣିଖାଦାନ, ଅଫିସ ଦପ୍ତର ସବୁକିଛି ଚାଲୁଥିବା ବେଳେ ମଣିଷ ଗଢ଼ା କାରଖାନାଗୁଡ଼ିକରେ ତାଲା ପଡ଼ିବା କଥାଟିକୁ ସହଜରେ ବହୁ ଲୋକ ଗ୍ରହଣ କରି ପାରି ନ ଥିଲେ। ନିଜ ପିଲାଙ୍କ ଭବିଷ୍ୟତକୁ ନେଇ ପିତାମାତାଙ୍କର ଚିନ୍ତା ଅନୁଭବୀ ବ୍ୟତୀତ କେହି ଉପଲବ୍ଧି କରିପାରିବେ ନାହିଁ। ଭବିଷ୍ୟତ ପିଢ଼ିର ଧୀଶକ୍ତିର ଅଭିବୃଦ୍ଧିରେ ଏହା ଯେ ପ୍ରତିବନ୍ଧକ ସାଜୁଛି ଏଥିରେ ଆଦୌ ସନ୍ଦେହ ନାହିଁ।

ଏଭଳି ଏକ ଦୋଛକିରେ ଆମେ ଦଣ୍ଡାୟମାନ ହୋଇଥିବା ବେଳେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତାରିଖ ଘୋଷଣା ହୋଇଛି। ଲୋକେ ଭାବିଥିଲେ କରୋନାର ତୃତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ରାଜନୈତିକ ଦଳ ସହମତ ହୋଇ ନିର୍ବାଚନ ଘୁଞ୍ଚାଇବା ସପକ୍ଷରେ ନିର୍ବାଚନ ଆୟୋଗଙ୍କ ନିକଟରେ ଦାବି ରଖିବେ। କିନ୍ତୁ ତାହା ହେଲା ନାହିଁ। ନିଜର ସ୍ଥିତିକୁ ଲକ୍ଷ୍ୟକରି ଭିନ୍ନ ଭିନ୍ନ ମତ ଦେଲେ, ଯାହା ନିର୍ବାଚନ ଅନୁଷ୍ଠିତ ହେବାର ପଥକୁ ସୁଗମ କରିଦେଲା। ଏବେ ସାରା ରାଜ୍ୟ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ।

ଏହିସମୟରେ ଗାଁ ଭୂଇଁରେ ଘେରାଏ ବୁଲିଆସିଲେ ବେଶ୍ କିଛି ଅଭାବନୀୟ ଦୃଶ୍ୟ ଆଖିରେ ପଡ଼ିବ। ସବୁଠି ଯେ କରୋନା କଟକଣାକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଉଛି ଏ କଥା ଜୋର୍‌ଦେଇ କହିହେବ ନାହିଁ। ନିର୍ବାଚନ ଆଚରଣ ବିଧିର ଖୁଲମ୍‌ଖୁଲା ଉଲ୍ଲଂଘନ ଆଜିକାଲି ଏକ ସାଧାରଣ ଘଟଣା ପାଲଟିଗଲାଣି। ଜଣେ ସରପଞ୍ଚ ପ୍ରାର୍ଥୀ ସର୍ବାଧିକ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବାର ବିଧି ଧର୍ମକୁ ଆଖିଠାର କହିଲେ ଅତ୍ୟୁକ୍ତି ହେବନାହିଁ। ଏସବୁ ହେଲା ନୈତିକତାର ପ୍ରଶ୍ନ। ଏହାକୁ ଛାଡ଼ିଦେଲେ ଆଉ ଏକ ଦୃଶ୍ୟ ସାମ୍‌ନାକୁ ଆସୁଛି। ତାହା ହେଲା ଅପ୍ରାପ୍ତବୟସ୍କ ପିଲାମାନଙ୍କର ସମ୍ପୃକ୍ତି। ଯେଉଁ ବୟସରେ ପିଲାଟି ପୁସ୍ତକ ଧରି ବସନ୍ତା ତା’ ହାତରେ ଆଜି ପୋଷ୍ଟର। କଲମ ପରିବର୍ତ୍ତେ ଅଠାର ବୋତଲ। ପାଠପଢ଼ାର ଚାପ ନାହିଁ। ଏ ପଟେ ନିର୍ବାଚନର ପ୍ରଚାର ଚାଲିଛି। ରଙ୍ଗବେରଙ୍ଗର ପୋଷ୍ଟର, ପୁଣି ଚକୋଲେଟର ଲୋଭ। କାହାର କେହି ଆତ୍ମୀୟ ହୁଏତ ନିର୍ବାଚନ ଦୌଡ଼ରେ ସାମିଲ । ଏ ବେଳରେ ପାଠପଢ଼ା ନ ଥିବା କାରଣଟି ଆଜିର କଳୁଷିତ ରାଜନୀତି ସହିତ ପିଲାଙ୍କ ଯୁକ୍ତ ହେବାରେ ଖୋରାକ ଯୋଗାଇଦେଇଛି।

ଜାଣି ଜଗତକୁ ଜିଣିବାରେ ଜିଜ୍ଞାସା ଜାତ କରିବା ପାଇଁ ପୁସ୍ତକ ପରିବର୍ତ୍ତେ ପୋଷ୍ଟର ଧରାଇଦେଲେ ପିଲାଟି ବିପଥଗାମୀ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଏହି ବାସ୍ତବତାକୁ ହୃଦୟଙ୍ଗମ କରିବା ଆବଶ୍ୟକ। ପିଲାମାନେ ହେଉଛନ୍ତି ଆମ ଜାତିର ସମ୍ପଦ। ଖୁବ୍‌ଶୀଘ୍ର ସେମାନଙ୍କ ପାଇଁ ପଠନର ପବିତ୍ର ପରିବେଶଟିଏ ଗଢ଼ିଦେବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ।

ଅବଶ୍ୟ ସ୍କୁଲ ଓ କଲେଜ ଖୋଲିବାର ନିଷ୍ପତ୍ତି କାନରେ ବାଜିଛି। ଆଶା ରଖିବା ନିଷ୍ପତ୍ତିରେ ଆଉ ପରିବର୍ତ୍ତନ ନ ହେଉ। ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିବା ଶୁଭ ସଂକେତ ନୁହେଁ। ପରିସଂଖ୍ୟାନ ନିଆଗଲେ କେତେ ପିଲା ପାଠପଢ଼ା ଛାଡ଼ିଦେଲେଣି ତା’ର ହିସାବ ମିଳିବ । ଏହି ସଂଖ୍ୟା କେମିତି ନ ବଢ଼ିବ ଏବଂ ପଢ଼ା ଛାଡ଼ିଥିବା ପିଲାମାନେ ପୁନର୍ବାର କେମିତି ପ୍ରତ୍ୟାବର୍ତ୍ତନ କରିବେ ସେ ଦିଗରେ ଯୋଜନା ପ୍ରସ୍ତୁତ ହେବା ବାଞ୍ଛନୀୟ।

**ପ୍ରାକ୍ତନ୍ ଯୁଗ୍ମ ସାଧାରଣ ସମ୍ପାଦକ (ଓଷ୍ଟା)**
**ମୋ: ୭୦୦୮୦୭୩୫୯୯**



# ପ୍ରେମ ପଞ୍ଚାୟତୀ

**ଡ. କୁଳାଙ୍ଗାର**

କଥା କ’ଣ କି ଲୋକଙ୍କ ସେବାରେ ଯାବତୀୟ ଠିକାଦାରି ଓ ଯୋଜନାର ବିଲ୍ କରିବାରେ ବ୍ୟସ୍ତ ସରପଞ୍ଚ ପନ୍ଦାରି ପୁହାଣ ନିଜେ ବିବାହ କରିବା ଭୁଲି ଯାଇଥିଲେ। ଯଦିଓ ନିନ୍ଦୁକଙ୍କ ମତରେ ଅନେକଙ୍କ ଘରେ ସିଏ ଜ୍ୱାଇଁ ମର୍ଯ୍ୟାଦା ପାଇ ସାରିଥିଲେ, ଆଇନଗତ ଭାବରେ ବାବୁ କିନ୍ତୁ ଅବିବାହିତ ଥିଲେ। ତେବେ କରୋନା କାଳରେ ସହରରେ ରହୁଥିବା ଜନୈକ ସଫ୍ଟୱେର ଇଞ୍ଜିନିୟର ବିବାହିତ ଗ୍ରାମବାସୀ ଯେବେ ଘରୁ କାମ କରିବାକୁ ଚାଲିଆସିଲେ ଏବଂ ଗାଁ ଟୋକାଙ୍କ ପାଇଁ ସୌକରେ ଖର୍ଚ୍ଚବାର୍ଚ୍ଚ କରୁକରୁ ସରପଞ୍ଚ ପ୍ରାର୍ଥୀ ଭାବରେ ଉଭା ହେଲେ, ଏଥିରେ ପନ୍ଦାରି ପୁହାଣେ ଆତଙ୍କିତ ହେଲେ। ବିରୋଧୀମାନେ ପ୍ରଚାର କଲେ କି ପନ୍ଦାରି ଅବିବାହିତ ହୋଇଥିବାରୁ ତା’ର ଅଭିଜ୍ଞତା ଓ ଅନୁଭବର ଘୋର ଅଭାବ ରହୁଛି। ସିଏ ଅଭିଯୋଗ ନେଇ ଯାଉଥିବା ଲୋକଙ୍କର ଅସୁବିଧା ନ ଦେଖି ସେମାନଙ୍କ ଝିଅକୁ ଦେଖୁଛି। ସିଏ ବିବାହ କରି ନ ଥିବାରୁ ଦୁଃଖକୁ ନିଜେ ତ ଅଙ୍ଗେ ନିଭାଇ ନାହିଁ, ଅନ୍ୟର ଦୁଃଖ କେମିତି ବୁଝିବ! ତେଣୁ ଏଥର ପନ୍ଦାରିର ପୂର୍ଣ୍ଣଚ୍ଛେଦ ପକାଇ ଜଣେ ବିବାହିତ ସରପଞ୍ଚ ବାଛିବାକୁ ହେବ!

ଏହି ବିରୋଧୀ ହାୱାକୁ ପ୍ରତିହତ କରିବା ପାଇଁ ଗଲା ଦି ମାସ ତଳେ ପନ୍ଦାରି ବିବାହ କରିବାକୁ ନିଷ୍ପତ୍ତି ନେଲା। ଅନେକ ପ୍ରସ୍ତାବ ଚାଖି ଚାଖି ଶେଷରେ ପେଁକାଳି ଦେବୀ ପସନ୍ଦ ହେଲେ। ପେଁକାଳି ଦେବୀ ଯଦିଓ ଗାଁ କଲେଜ ଯାଏଁ ପଢିଛନ୍ତି, କେବଳ ନିଜର ନାମ ଦସ୍ତଖତ କରିବା ଜ୍ଞାନ ଅର୍ଜନ କରିଛନ୍ତି। ବାହାଘରଟାକୁ ଜାକଜମକର ସହ ପାଳନ କରି ସାରା ପଞ୍ଚାୟତଟାକୁ ଖିଆପିଆରେ ଭସାଇ ଦେଇ ତାଙ୍କ ବିରୋଧରେ ବହୁଥିବା ଜନମତର ବେକ ମୋଡ଼ିଦେବାକୁ ପନ୍ଦାରି ପୁହାଣେ ଆୟୋଜନ କରିଥିଲେ। ହେଲେ କରୋନା ମହାମାରୀଜନିତ କଟକଣାର କଣ୍ଟା ତାଙ୍କର ସ୍ୱପ୍ନ ବେଲୁନ୍‌କୁ ଫୁସ୍‌କରି ଫଟେଇଦେଲା।

ଅନ୍ୟ କେହି ହୋଇଥିଲେ ଅବା ଆଇନକୁ ଆଖି ମାରି ଲୁଚାଚୋରାରେ ଆୟୋଜନ କରି ଦେଇଥାଆନ୍ତା। କିନ୍ତୁ ତାଙ୍କର ତ ଶତ୍ରୁର ଅଭାବ ନାହିଁ। ତେଣୁ କିଛି ଗୋଟେ ଆଇନ ଭଙ୍ଗର ଫଟୋ କି ଭିଡିଓ ପାଇଗଲେ, ଦେଖନ୍ତୁ.... ସ୍ୱୟଂ ସରପଞ୍ଚ କ’ଣ କରୁଛନ୍ତି ବୋଲି କହି କଥାଟାକୁ ଡିବିଡିବି କରିଥାଆନ୍ତେ। ତେଣୁ ଏସବୁକୁ ଡରି ଉଭୟ ପକ୍ଷର ୨୦ ଜଣଙ୍କର ଉପସ୍ଥିତିରେ ସରପଞ୍ଚ ପନ୍ଦାରି ପୁହାଣେ ବାହା ହୋଇଗଲେ। ହେଲେ ଆନୁଷ୍ଠାନିକ ପ୍ରୀତିଭୋଜନ, ଉପହାର ଗ୍ରହଣ ଓ ଫଟୋଉଠା ନୋହିଲା। ଲୁଚାଚୋରାରେ ଯାହା ଦି ଚାରିଟା ଅଲଗା ଅଲଗା ଖିଆପିଆ ପାଇଁ ପୁହାଣେ ଖର୍ଚ୍ଚ କରିଥିଲେ, ତାହା କୌଣସି ପ୍ରକାରେ ଲୋକପ୍ରିୟତା ଅର୍ଜନରେ ସହାୟକ ନ ଥିଲା।

ପୁହାଣେ ଚିନ୍ତା କରିଥିଲେ କରୋନା କଟକଣା କାଳ ଯିବା ପରେ ପରିସ୍ଥିତି ସୁଧୁରିଲେ ବିବାହ ଭୋଜି ନାମରେ ଚପାକଷିଆ ଆୟୋଜନ କରି ସମସ୍ତଙ୍କର ମୁହଁ ବନ୍ଦ କରିବା ସହିତ ମୁଣ୍ଡ କିଣିନେବେ! ସେତେବେଳକୁ ନିର୍ବାଚନ ମଧ୍ୟ ପାଖେଇ ଆସିଥିବ! ତେବେ ଚତୁର୍ଥୀ ଦିନ ପେଁକାଳି ଦେବୀ ଜ୍ୱର ଓ କାଶରେ ଅଣାୟତ୍ତ ହୋଇପଡ଼ିଲେ। ଅତଏବ ନୂଆବୋହୂର ବେଶଭୂଷାରୁ ସିଏ ଓହ୍ଲେଇପଡି ନିଜର ଅସଲ ରୂପରେ ଯେବେ ଦର୍ଶନ ଦେଲେ, ପନ୍ଦାରିଙ୍କ ସମେତ ପରିବାରବର୍ଗ ଭେଟେଣା ହେଉ ହେଉ ଅଳ୍ପକେ ଅଟକିଗଲେ।

ସୂଚନା ଯୋଗ୍ୟ ଯେଉଁ ପେଁକାଳି ଦେବୀଙ୍କୁ ମଧ୍ୟସ୍ଥଙ୍କ ସହିତ ପନ୍ଦାରି ବାବୁ ଦେଖିବାକୁ ଯାଇଥିଲେ, ସେଇ ସୁନ୍ଦରୀ ମହିଳା ଅସଲରେ ପେଁକାଳି ଦେବୀଙ୍କ ବଡ଼ ଭଉଣୀ କେଁକଳି ଦେବୀ ଥିଲେ। ଦୁହେଁ ସିନା ଗୋଟିଏ ମାତାଗର୍ଭରୁ ଜନ୍ମିତ ରୂପଲାବଣ୍ୟ ଓ ଗୁଣଗ୍ରାମରେ କିନ୍ତୁ ଦୁହିଁଙ୍କର ସାମଞ୍ଜସ୍ୟ ଶାସକ ଓ ବିରୋଧୀ ଦଳ ପରି। ଅତଏବ କେଁକଳି ଦେବୀଙ୍କ ପାଇଁ ତ ଠିକ୍ ସମୟରେ ଉପଯୁକ୍ତ ବିବାହ ପ୍ରସ୍ତାବ ମିଳିଗଲା, ପେଁକାଳି ଦେବୀଙ୍କ ବେଳକୁ କିନ୍ତୁ ମୁସ୍କିଲ୍ ହେଲା। ଏପଟେ ପନ୍ଦାରି ବାବୁ ମଧ୍ୟ ପନ୍ଦର ବର୍ଷକାଳ ପ୍ରସ୍ତାବ ମାନ ଚାଖି ଚାଲିଥିଲେ। ତେଣୁ ଝିଅର ପରିବାର ବିକଳି ପନ୍ଦାରିଙ୍କୁ କେଁକଳି ଦେବୀଙ୍କୁ ଦେଖେଇ ପେଁକାଳି ଦେବୀଙ୍କୁ ବାହା କରିଦେଲେ।

ନିପୁଣ ରୂପକାର ଓ କେଶସଜ୍ଜାକାରୀଙ୍କ ଦ୍ୱାରା ପେଁକାଳି ଦେବୀଙ୍କୁ କେଁକଳିଙ୍କ ପରି ପ୍ରସ୍ତୁତ କରି ବସାଇ ଦିଆଗଲା। ତେବେ ଚତୁର୍ଥୀ ଦିନ ସିଏ କୋଭିଡ ଆକ୍ରାନ୍ତ ହେବା କାରଣରୁ ମୁହଁର ରଙ୍ଗ ବୋହିଯାଆନ୍ତେ ଏବଂ ମୁଣ୍ଡର ଚୁଟି ଉଲୁରି ଯାଆନ୍ତେ ପନ୍ଦାରି ପୁହାଣଙ୍କ ମନଗାଡ଼ିର ଚକା ଫାଟିଗଲା। ସିଏ ସେଇଦିନୁ ଚୁପ୍। ପରିସ୍ଥିତି ସୁଧୁରିଲା ପରେ ମଧ୍ୟ ଭୋଜିଭାତ ନୋହିଲା। ବିବାହ କିମ୍ବା ବୋହୂର ଫଟୋ ପ୍ରସାରିତ ନ ହୋଇ ସେମିତି ମୋବାଇଲରେ ରହିଲା। ସେ କଥା କେହି ପଚାରିଲେ ଅନ୍ୟ ଆଳ ଦେଖାଇ ପୁହାଣେ ଏଡାଇ ଯାଉଥିଲେ। ଅତଏବ ଆଜି ପନ୍ଦାରିଙ୍କ ମୁହଁରୁ ଅତର୍କିତ ପତ୍ନୀଙ୍କ ପ୍ରଶଂସା ଶୁଣି ଗ୍ରାମବାସୀ ଚକିତ ହେବା ସ୍ୱାଭାବିକ। କେବଳ ଗ୍ରାମବାସୀ ନୁହେଁ ପନ୍ଦାରି ଓରଫ ସ୍ୱାମୀଙ୍କଠାରୁ ଅଚାନକ ଆଦର ସମ୍ବୋଧନ ପାଇ ପେଁକାଳି ଦେବୀ ନିଜକୁ ନିଜେ ଚିମୁଟି ଏହା ସତ କି ସପନ ବୋଲି ପରୀକ୍ଷା କରିନେଲେ।

ପନ୍ଦାରି କହିଲେ – ମୁଁ ଗୋଟେ ମେକଅପ ମ୍ୟାନ ଠିକ୍ କରିଦେଇଛି। ସିଏ ସବୁଦିନ ଭୋରରୁ ଆସି ତମକୁ ମେକଅପ କରିଦେଇ ଯିବ। ସିଏ କାଲି ଆସି ମେକଅପ କଲା ପରେ ତମର ଗଣ୍ଡେ ଭଲ ଫଟୋ ଉଠାଯିବ। ହଠାତ୍ ପତିଙ୍କର ଏମିତି ସୁହାଗର କାରଣକୁ ପେଁକାଳି ଦେବୀ ଠିକରେ ଠଉରାଇ ପାରିଲେନି। ତେବେ ଗ୍ରାମବାସୀ ଯେବେ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ତାଲିକାଟି ପାଇଗଲେ, ଏହି ଘଟଣାଟିକୁ ଠିକ୍‌ରେ ବୁଝିଗଲେ ଯେ ଆଗାମୀ ନିର୍ବାଚନରେ ପଞ୍ଚାୟତର ସରପଞ୍ଚ ପଦବୀଟି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ପନ୍ଦାରି ପୁହାଣେ ତାଙ୍କ ଜାଗାରେ ପତ୍ନୀଙ୍କୁ ପ୍ରାର୍ଥୀ କରି କ୍ଷମତା ବଜାୟ ରଖିବାକୁ ଏହି ଫନ୍ଦି କରିଛନ୍ତି।

ତେବେ ଗାଁଦାଣ୍ଡରେ ପନ୍ଦାରିଙ୍କ ମୁହଁରୁ ପେଁକାଳି ଦେବୀଙ୍କ ରୂପଗୁଣ ସମ୍ପର୍କରେ ଶୁଣି ଟୋକାଏ କହିଲେ – ଆମେ ଭାଉଜଙ୍କୁ ଦେଖିବୁ! ବୁଢ଼ାଏ କହିଲେ – ଆମେ ଟିକେ ବୋହୂକୁ ଦେଖିବୁ। କୌଶଳ କାମରେ ଲାଗୁଚି ଦେଖି ପନ୍ଦାରି ପୁଲକିତ ହୋଇ କହିଲେ – ନିଶ୍ଚୟ...ନିଶ୍ଚୟ...। ହେଲେ ମୁଁ କ’ଣ କହୁଥିଲି କି, ମୁହଁଦେଖା ପାଇଁ ତମେମାନେ ଅଯଥା ଖର୍ଚ୍ଚାନ୍ତ ହେବ କାହିଁକି? ବରଂ ସେ ବାବଦରେ ନିଜର ଭୋଟ୍ ଖଣ୍ଡିକ ନୂଆ ବୋହୂଟାକୁ ଦେଇଦେବ....!!!

**ଅଲରା, ନରସିଂହପୁର, କଟକ**
**ମୋ: ୮୮୯୫୮୨୫୮୬୩**

## ଏଇ ଭାରତରେ

ଚାଷୀମାନେ ବହୁ ସମୟରେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ରାସ୍ତାରେ ପରିବା ପିଙ୍ଗି ଦେଉଥିବା ଦୃଶ୍ୟ ଦେଖିବାକୁ ମିଳେ। ତେବେ ଏହି ସମସ୍ୟା ଦୂର କରିବା ଲାଗି ଆଇଆଇଟିରୁ ଡିଗ୍ରୀ ହାସଲ କରିଥିବା ନୀତୀନ କୁମାର ଏବଂ ତାଙ୍କ ଭଉଣୀ ରଶ୍ମି ଝା ଚାଷୀମାନଙ୍କ ପାଇଁ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଫ୍ରିଜ୍ ନିର୍ମାଣ କରିଛନ୍ତି। ସେମାନଙ୍କ ଦ୍ୱାରା ନିର୍ମିତ ଫ୍ରିଜ୍‌ରେ ପରିବା ଓ ଫଳ ବହୁଦିନ ତଟକା ରହିପାରୁଛି। ଏଣୁ ଏଥିରେ ଚାଷୀମାନେ ସେମାନଙ୍କ ବଳକା ଉତ୍ପାଦ ରଖି ଧୀରେ ଧୀରେ ବିକ୍ରି କରି ଲାଭ ପାଇପାରିବେ। ଏହି ଫ୍ରିଜ୍‌ର ନାମ ସେମାନେ ଦେଇଛନ୍ତି ‘ସବ୍‌ଜିକୋଠି’। ଏହା ସାଧାରଣ ରେଫ୍ରିଜରେଟରଠାରୁ ୧୦ଗୁଣ ଅଧିକ କ୍ଷମତାଶାଳୀ ଓ ଏହାର ଅଧା ଖର୍ଚ୍ଚରେ ତିଆରି କରାଯାଇଛି। ଏଥିରେ ୩ରୁ ୩୦ ଦିନ ଯାଏ ଫଳ ଓ ପରିବା ସତେଜ ରହିପାରୁଛି। ସବ୍‌ଜିକୋଠି ପାଇଁ ଦିନକୁ ମାତ୍ର ୧ ଲିଟର ପାଣି ଓ ୨୦ ୱାଟ୍ ବିଦ୍ୟୁତ୍ ଦରକାର ହେଉଛି। ଏହାକୁ ସହଜରେ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ମଧ୍ୟ ନିଆଯାଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ଫେବୃୟାରୀ ୧୯୯୭**

- ତାମିଲର ବିଦ୍ରୋହୀମାନେ ଉତ୍ତର–ପୂର୍ବ ଶ୍ରୀଲଙ୍କାର ଏକ ପୋଲିସ ପୋଷ୍ଟ ଉପରେ ଆକ୍ରମଣ କରି ୧୫ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିଛନ୍ତି।
- ସୁଇସ୍ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ଗୁପ୍ତ ବୋଫର୍ସ ଦଲିଲପତ୍ରରେ ଓତାଭିଓ କ୍ୱାତ୍ରୋକି ଓ ୱିନ ଚଢ଼ା ଦମ୍ପତି ସମେତ ୫ ଜଣ ଲାଞ୍ଚଗ୍ରହୀତାଙ୍କ ନାମ ସିବିଆଇ ପ୍ରକାଶ କରିଛି।

## ଚିରନ୍ତନୀ

ନ ଥାଏ ଶିଖି ଭାଷା ଅଧର ବେନି
କହିବା ପାଇଁ କଥା ମନକୁ ଘେନି।
କହିବା ପାଇଁ ମୋର ବାସନା ଦୁଃଖ
ଦହିଲା ଦେହ ସିନା ମଣିଲି ସୁଖ
ସୁଖରେ ମିଶି କେତେ ବେଦନା
ମଧୁରତର କଳା ସାଧନା!
ସତ୍ୟ ଥିଲା ଯେତେ ଜୀବନ–ଅନୁଭୂତି
ନାହିଁଛି ଲେଶ ତା’ର, ରହିଛି ଯାହା ସ୍ମୃତି
ନାହିଁଛି ରୂପ ଆଜି ରହିଛି ରସ ବାକି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି!

–(ଦୁଇଟି କଳା ଆଖି)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ପାଠକ ଶ୍ରେଷ୍ଠ ବିଚାରକ

### ଗୋପାଳନ ପାଇଁ ଆଗ୍ରହ ନାହିଁ

ମହାଶୟ,

କେଉଁ ଆଦିମ କାଳରୁ ଭାରତରେ କୃଷି ସଭ୍ୟତାର ବିକାଶ ସହିତ ଗୋପାଳନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଆଜି କିନ୍ତୁ ଗୋସମ୍ପଦ ଅବକ୍ଷୟମୁଖୀ। ଗାଁଦାଣ୍ଡରେ ଆଜି ଦେଖିବାକୁ ମିଳୁନି ଗୋଧୂଳିବେଳାରେ ଗୋଷ୍ଠ ବାହୁଡ଼ାର ଦୃଶ୍ୟ। ଶୁଭୁନି ଆଉ ବତ୍ସାମାନଙ୍କର ହମା ସ୍ୱନ। ବେଳେ ବେଳେ ଗୋରୁଙ୍କୁ ନିର୍ମମ ଭାବରେ ଚାଲାଣ କରାଯାଉଥିବାବେଳେ ପୋଲିସର ଦୃଷ୍ଟି ଆକର୍ଷଣ କଲେବି କାର୍ଯ୍ୟାନୁଷ୍ଠାନ ଶୂନ୍। କିଛିଦିନ ପୂର୍ବେ ଓଡ଼ିଶାର ଦକ୍ଷିଣବର୍ତ୍ତୀ ସୀମାନ୍ତରେ ଏକ ପୂର୍ଣ୍ଣଗର୍ଭା ନଦୀ ମଧ୍ୟରେ ଡଙ୍ଗାରେ ଦଉଡ଼ି ବାନ୍ଧି ଗୋରୁଙ୍କୁ ଜଳସ୍ରୋତରେ ଟାଣି ଟାଣି ପାର କରାଉଥିବାର ନିର୍ମମ ଦୃଶ୍ୟ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା। କୃଷିକ୍ଷେତ୍ରରେ ଆଜି ବଳଦର ବିନିଯୋଗ ହେଉନି। ହଳ, ଶଗଡ଼ ଆଉ ଦେଖିବାକୁ ମିଳୁନି। ଭବିଷ୍ୟତରେ ପିଲାମାନେ ହୁଏତ ଚିତ୍ର ମାଧ୍ୟମରେ ଦେଖିବାକୁ ପାଇବେ। ଟ୍ରାକ୍ଟର ଭଳି ବିଭିନ୍ନ କୃଷି ଯନ୍ତ୍ରପାତିର ବ୍ୟବହାର ଯୋଗୁ ବଳଦ ଆଜି ଅଲୋଡ଼ା ହୋଇପଡ଼ିଛି। ଗ୍ରାମାଞ୍ଚଳରେ ପୂର୍ବଭଳି ଗୋପାଳନ ଦେଖିବାକୁ ମିଳୁନି। ଗୋଖାଦ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଦୁଗ୍ଧଚାଷୀଙ୍କ ଆଜି ଗୋପାଳନ ପାଇଁ ଆଗ୍ରହ ନାହିଁ। ବେଳେ ବେଳେ ଦୁଗ୍ଧ ମୂଲ୍ୟବୃଦ୍ଧି ପାଇଁ ପ୍ରତିବାଦ କରି ବିକ୍ଷୋଭକାରୀମାନେ ବାଲ୍‌ଟି ବାଲ୍‌ଟି କ୍ଷୀର ରାସ୍ତାରେ ଢାଳୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଦିନ ଆସିବ ବନ୍ୟଜନ୍ତୁଙ୍କ ଭଳି ଗୋସମ୍ପଦର ମଧ୍ୟ ବିଲୁପ୍ତି ଘଟିବ।

**–ଲକ୍ଷ୍ମୀଧର ଦାସ, ବିଜୟମଣ୍ଡପ ସାହି, ଓଡ଼ଗାଁ, ନୟାଗଡ଼**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗଞ୍ଜାମ ଗାଁ ରାଜନୀତିରେ ପରିବର୍ତ୍ତନ ସ୍ୱର

■ ବିଧାୟକଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ପଞ୍ଚାୟତ ନିର୍ବାଚନ
■ ସେମିରେ ପରାସ୍ତ ହେଲେ ଫାଇନାଲ ଟିକେଟ କଟିବ

ବ୍ରହ୍ମପୁର ଅଫିସ,୧୧।୨

ଗଞ୍ଜାମ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନୀ ପ୍ରଚାର ସରଗରମ ହୋଇଛି। ଆଉ ମାତ୍ର ୪ଦିନ ପରେ ୧୬ ତାରିଖଠାରୁ ପର୍ଯ୍ୟାୟକ୍ରମେ ମତଦାନ ହେବ। ତେଣୁ ପ୍ରମୁଖ ଦଳଗୁଡ଼ିକ ମୁଖ୍ୟତଃ ଜିଲା ପରିଷଦ ଜୋନଗୁଡ଼ିକୁ ଗୁରୁତ୍ୱ ଦେଇଛନ୍ତି। ଶାସକ ବିଜେଡି ପକ୍ଷରେ ଏହି ନିର୍ବାଚନ ସମ୍ମାନର ପ୍ରଶ୍ନ ହୋଇଛି। ବିଜେଡି ନେତା ଓ କର୍ମୀ ପୂର୍ବ ସ୍ଥିତି ବଜାୟ ରହିବ ବୋଲି ଦୃଢ଼ ବିଶ୍ୱାସରେ ଥିବା ବେଳେ ଏଥର ଗାଁ ରାଜନୀତିରେ ପରିବର୍ତ୍ତନର ସ୍ୱର ଉଠୁଥିବା କେତେକ ଗ୍ରାମାଞ୍ଚଳ ସ୍ଥିତି ଅନୁଧ୍ୟାନରୁ ଲକ୍ଷ୍ୟ କରାଯାଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା କୌଣସି ଦଳର ହେଭିୱେଟ ନେତା ପ୍ରଚାର ପାଇଁ ଆସିନାହାନ୍ତି।

ଅନ୍ୟପକ୍ଷରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପଞ୍ଚାୟତ ନିର୍ବାଚନକୁ ସେମି ଫାଇନାଲ କୁହାଯାଇଛି। ଏହି ନିର୍ବାଚନ ଜିଲାର ୭ ବିଧାୟିକା ଓ ବିଧାୟକଙ୍କ ଭାଗ୍ୟ ପରୀକ୍ଷା କରିବ। ନିଜ ନିର୍ବାଚନ ମଣ୍ଡଳୀରେ ଭୋଟ ଫଳାଫଳ ବ୍ୟତିକ୍ରମ ଘଟିଲେ ଆଗାମୀ ବିଧାନସଭା ନିର୍ବାଚନ ବେଳେ ଟିକେଟ କଟିବା ସମ୍ଭାବନା ରହିଛି। ବିଜେଡିର ଜଣେ ପୁରୁଖା ନେତା ନାମ ଗୋପନ ରଖି 'ଧରିତ୍ରୀ' ସହ ଆଲୋଚନା ବେଳେ ଏହା ସୂଚାଇଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରଥମ ଥର ଦଳର ଜିଲା ସଂଗଠନ ପରିବର୍ତ୍ତେ ବିଧାୟକଙ୍କୁ ସବୁ ଦାୟିତ୍ୱ ଦେଇଛି ବିଜେଡି। ଜିଲା ପରିଷଦ ପ୍ରାର୍ଥୀ ଚୟନ ଓ ଟିକେଟ ବଣ୍ଟନ କ୍ଷମତା ସେମାନଙ୍କୁ ମିଳିଛି। ନିର୍ବାଚନ ପରିଚାଳନା ନିମନ୍ତେ ଅର୍ଥ ମଧ୍ୟ ବିଧାୟକଙ୍କୁ ଦିଆଯାଇଛି।

ସୂଚନାଯୋଗ୍ୟ, ହିଞ୍ଜିଳିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ଥିବାରୁ ନିର୍ବାଚନ ମଣ୍ଡଳୀ କଥା ତାଙ୍କ ପ୍ରତିନିଧି ଓ ଅନ୍ୟମାନେ ବୁଝୁଛନ୍ତି। ସାମ୍ବିଧାନିକ ପଦ ବାଚସ୍ପତି ହୋଇଥିବାରୁ ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର ପ୍ରତ୍ୟକ୍ଷ ଭାବେ ନିର୍ବାଚନ ମଇଦାନକୁ ଆସୁନାହାନ୍ତି। ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଆଦୌ ପଞ୍ଚାୟତ ନ ଥିବାରୁ ବିଧାୟକ ବିକ୍ରମ ପଣ୍ଡା ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି। ସାନଖେମୁଣ୍ଡିରେ କଂଗ୍ରେସ ବିଧାୟକ ଥିବାରୁ ଅନନ୍ତ ଜେନାଙ୍କୁ ବିଜେଡିର ସମସ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦଳରୁ ବହିଷ୍କୃତ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ସେଠାର ସର୍ବେସର୍ବା ହୋଇଛନ୍ତି। ମନ୍ତ୍ରୀ ବିକ୍ରମ ଆରୁଖ ତାଙ୍କ ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଅଛନ୍ତି।

ଏବେ ଛତ୍ରପୁର, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ପୋଲସରା, ଆସିକା, ସୋରଡ଼ା ଓ ଚିକିଟି ନିର୍ବାଚନ ମଣ୍ଡଳୀ ବିଧାୟିକା ଓ ବିଧାୟକଙ୍କ ଚିନ୍ତା ବଢ଼ାଇ ଦେଇଛି। ସଂରକ୍ଷଣ ବ୍ୟବସ୍ଥା ଯୋଗୁ ଅନେକ ପଦପଦବୀ ପାଇଁ ଆଶାୟୀ ଥିବା ଶଙ୍ଖ ଦଳ କର୍ମୀ ଅସନ୍ତୁଷ୍ଟ ଅଛନ୍ତି। ବିଭିନ୍ନ ବ୍ଲକରେ ସେମାନେ ଦଳର ଓ ସମର୍ଥିତ ପ୍ରାର୍ଥୀଙ୍କ ନିମନ୍ତେ କଣ୍ଟା ହୋଇଛନ୍ତି। ଉପରୋକ୍ତ ୭ ବିଧାୟକଙ୍କୁ ସମସ୍ୟା ହେବ ବୋଲି ରାଜନୀତି ବିଶ୍ଳେଷକ ପ୍ରାକ୍ ଆକଳନ କରିଛନ୍ତି।

## ସଂକ୍ଷେପରେ

### ଦେବାଶିଷ ଓଡ଼ିଶା ରଣଜୀ ଟିମ୍ ପରିଚାଳକ



ପାରଳାଖେମୁଣ୍ଡି:୧୧।୨(ଡି.ଏନ୍.ଏ.)-ଗଜପତି ଜିଲାର ଜଣାଶୁଣା କ୍ରୀଡ଼ାପ୍ରେମୀ ତଥା ବିଶିଷ୍ଟ ଭେଟେରାନ କ୍ରିକେଟ ଖେଳାଳି ଦେବାଶିଷ ପାଢ଼ୀ ଓଡ଼ିଶା ରଣଜୀ ଟିମ୍‌ର ପରିଚାଳକ ଭାବେ ନିଯୁକ୍ତ ହୋଇଛନ୍ତି। ସେ ଗୁଜରାଟର ଅହମ୍ମଦାବାଦଠାରେ ହେବାକୁ ଥିବା କ୍ରିକେଟ ଦଳର ୫ ମ୍ୟାଚ ପାଇଁ ନିଯୁକ୍ତ ହୋଇଥିବାର ସୂଚନା ପ୍ରଦାନ କରାଯାଇଛି। ଏପରି ଏକ ମର୍ଯ୍ୟାଦାଜନକ ନିଯୁକ୍ତି ପାଇଁ ଦେବାଶିଷ ଜିଲାର ସମସ୍ତ କ୍ରିକେଟପ୍ରେମୀ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ଦେବାଶିଷ ଗତ ୩୦ ବର୍ଷ ହେଲା ଜିଲାର ସମସ୍ତ କ୍ରୀଡ଼ା ନିମନ୍ତେ ପ୍ରେରଣା, ଉତ୍ସାହିତ, ସହଯୋଗ ଆଦି କରି ଆସୁଛନ୍ତି। ବିଶେଷକରି କ୍ରିକେଟ ଭଳି ଲୋକପ୍ରିୟ ଖେଳକୁ ରାଜ୍ୟସ୍ତରରେ ପହଞ୍ଚାଇବା ପାଇଁ ବେଶ୍ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି।

### ବସ ଧକ୍କାରେ ଯୁବକଙ୍କ ମୃତ୍ୟୁ ମାମଲା, ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଦିଗପହଣ୍ଡି,୧୧।୨(ଡି.ଏନ.ଏ.)-ଦିଗପହଣ୍ଡି ପୋଲିସ ଶୁକ୍ରବାର କୋରାପୁଟ ଜିଲା ଅମ୍ବାଗୁଡ଼ା ଥାନା କୁମୁଟିପୁଟ ଗ୍ରାମର ଗାଡି ଚାଳକ ସରୋଜ କୁମାର ଶତପଥୀଙ୍କୁ ଥାନା ମାମଲା ନଂ. ୬୫/୨୨ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଗତ ବୁଧବାର ରାତିରେ ଦିଗପହଣ୍ଡି - ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ଡେଙ୍ଗାଓସ୍ତା ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ବସ (ନଂ. ଓଡି ୦୨ - ବି ଏ -୦୭୯୭) ଧକ୍କାରେ ଜଣେ ଅଚିହ୍ନା ଯୁବକଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲେ। ଯାତ୍ରୀବାହୀ ବସଟି ମାଲକାନଗିରି ଚିତ୍ରକୋଣ୍ଡାରୁ ଭୁବନେଶ୍ୱର ଭାୟା ବ୍ରହ୍ମପୁର ଅଭିମୁଖେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ମୃତକ ଜଣକ ଜଣେ ଅଣଓଡ଼ିଆ ଏବଂ ସେ କିଛିଦିନ ହେଲା ଏଠାକୁ ଆସି ସ୍ଥାନୀୟ ଅଞ୍ଚଳରେ ଭିକ୍ଷା ବୃତ୍ତି କରି ଚଳୁଥିଲେ ବୋଲି ପୋଲିସକୁ ସୂଚନା ମିଳିଛି।

### ବାପ ଘରେ ମହିଳାଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ,୧୧।୨(ଡି.ଏନ୍.ଏ.)-ହିଞ୍ଜିଳି ଥାନା ଶାସନଆମ୍ବଗାଁରେ ଜଣେ ବିବାହିତା ମହିଳା ବାପ ଘରେ ଗୁରୁବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ପୂଜା ବେହେରା (୨୪)। ପୂଜାଙ୍କ ସ୍ୱାମୀ ଗୁଜରାଟରେ ରହୁଥିବା ବେଳେ ସେ ୨ ମାସ ପୂର୍ବରୁ ବାପ ଘରକୁ ଆସିଥିଲେ। ଗୁରୁବାର ବିଳମ୍ବିତ ରାତିରେ ପରିବାର ଲୋକେ ପୂଜାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ନଂ. ୨/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଜମି ବିବାଦ ସମାଧାନ

ଆର.ଉଦୟଗିରି,୧୧।୨(ଡି.ଏନ.ଏ.)- ମୋହନା ବ୍ଲକ ଅଡବା ଗ୍ରାମପଞ୍ଚାୟତରେ ଅଡବା ସନ୍ନିକଟରେ ଜଙ୍ଗଲ ଜମି ପ୍ଲଟ ନଂ ୮୦୬୦୬ ବିବାଦୀୟ ପରିସ୍ଥିତିରେ ରହିଥିଲା। ତାହା ଶୁକ୍ରବାର ସମାଧାନ ହୋଇଛି। ମୋହନା ତହସିଲଦାରଙ୍କ ଉପସ୍ଥିତିରେ ଅଡବାର କିଛି ଲୋକ ସେହି ଜମିରେ ଗୃହ ନିର୍ମାଣ କରୁଥିଲେ। ସେହି ଜମିକୁ ଓସିସି ନୂଆ ସାହିର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ସମାଧି ସ୍ଥଳ ଭାବେ ଗତ ପ୍ରାୟ ୩ ବର୍ଷ ହେଲା ବ୍ୟବହାର କରୁଥିଲେ। ଗୁରୁବାର ଓସିସି ନୂଆ ସାହିର ଲୋକେ ମୃତଦେହ ନେଇ ସମାଧି ଦେବା ନିମନ୍ତେ ସେଠାରେ ଆସି ପହଞ୍ଚିଥିଲେ। ତାହାକୁ ଅଡବା ଗ୍ରାମବାସୀ ବିରୋଧ କରିବାରୁ ବିଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା। ମୋହନା ତହସିଲଦାର କିଶୋର ଚନ୍ଦ୍ରଦାସ, ଅଡବା ରାଜସ୍ୱ ନିରୀକ୍ଷକ ଛବିର କୁମାର ପଣ୍ଡା, ଅଡବା ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଉଭୟ ପକ୍ଷଙ୍କ ଉପସ୍ଥିତିରେ ଜଙ୍ଗଲ କିସମର ଗୃହ ନିର୍ମାଣ ଜାଗା ଓ ସମାଧି ସ୍ଥଳକୁ କୌଣସି ଲୋକ ଆଗାମୀ ଦିନରେ ନ ଯିବା ପାଇଁ ଆଦେଶ ଦେଇଥିଲେ। ସେହି ଜଙ୍ଗଲ କିସମର ଜାତୀୟ ରାଜପଥଠାରୁ ୭୦ ମିଟର ଦୂରତାରେ ଉଭୟ ପକ୍ଷ ଲୋକଙ୍କ ଉପସ୍ଥିତିରେ ଓସିସି ନୂଆ ସାହିର ସମାଧିସ୍ଥଳ ନିମନ୍ତେ ଜାଗା ଚିହ୍ନଟ କରାଯାଇଥିଲା। ଯଦି କୌଣସି ବ୍ୟକ୍ତି ବିବାଦୀୟ ଜମିକୁ ପୁଣି ବ୍ୟବହାର କରନ୍ତି ଆଇନ ଅନୁଯାୟୀ ଦାୟୀ ହେବେ।

## ଲାଞ୍ଚ ମାମଲା, ୩ସାକ୍ଷୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର ଅଫିସ,୧୧।୨

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତିଙ୍କ କୋର୍ଟରେ ଏକ ଲାଞ୍ଚ ଗ୍ରହଣ ମାମଲାର ସାକ୍ଷୀମାନଙ୍କ ବୟାନ ରେକର୍ଡ ହୋଇଥିଲା। ଜାମିନରେ ଥିବା ଅଭିଯୁକ୍ତ ତଥା ତତ୍କାଳୀନ ବ୍ରହ୍ମପୁର ବିଡିଏ କାର୍ଯ୍ୟାଳୟର ଡ୍ରାଫ୍ଟସ ମ୍ୟାନ ଭାବେ କାମ କରୁଥିବା ସିଏଚ. ବାଣୀଶ୍ରୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ମାମଲାର ୩ ସାକ୍ଷୀ ବିଡିଏ କାର୍ଯ୍ୟାଳୟର ପ୍ଲାନିଂ ମେମ୍ବର ସୁରେନ୍ଦ୍ର ସାହୁ, ପ୍ଲାନର ନାରାୟଣ ଚନ୍ଦ୍ର ପତି ଓ ଅମିନ କେ.ଈଶ୍ୱର ରାଓ କୋର୍ଟରେ ହାଜର ହୋଇଥିଲେ। ଘଟଣା ସମ୍ପର୍କରେ ସେମାନେ ଯାହା ଜାଣିଛନ୍ତି ପୃଥକ ଭାବେ ବୟାନ ଦେଇଥିଲେ। ଏହି ମାମଲାରେ ପୂର୍ବରୁ ଜଣେ ସାକ୍ଷୀଙ୍କ ବୟାନ ମଧ୍ୟ ରେକର୍ଡ ହୋଇ ସାରିଛି। ଆସନ୍ତା ମାର୍ଚ୍ଚ ମାସରେ ଅନ୍ୟତମ ସାକ୍ଷୀଙ୍କ ବୟାନ ରେକର୍ଡ କରାଯିବ ବୋଲି କୋର୍ଟ ସୂତ୍ରରୁ ପ୍ରକାଶ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର କୁମାର ପଣ୍ଡା ଓ ମୃଦୁଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପାତ୍ର ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ତହସିଲ ଜରିଆରେ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ ଦାବି

ବ୍ରହ୍ମପୁର ଅଫିସ,୧୧।୨



କ୍ଷତିଗ୍ରସ୍ତ ଜମାକାରୀମାନେ।

ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ତହସିଲ ଜରିଆରେ ଚିହ୍ନଟ କରିବା ଓ ତୁରନ୍ତ ଟଙ୍କା ଫେରସ୍ତ ଆଦି ୪ଦଫା ଦାବି କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ତହସିଲ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। କମିଶନଙ୍କ ଦ୍ୱାରା ସୁପାରିଶ ହୋଇଥିବା ଜମାକାରୀଙ୍କୁ କର୍ପସ ଫଣ୍ଡରୁ ତୁରନ୍ତ ଟଙ୍କା ଫେରସ୍ତ, ଓଡିଶାର ସମସ୍ତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ତହସିଲ ଜରିଆରେ ଯୁଦ୍ଧକାଳୀନ ଭିତ୍ତିରେ ଚିହ୍ନଟ କରିବାକୁ ଦାବି ହୋଇଛି। ସାହାରା ଭଳି ଅନ୍ୟ ସଂସ୍ଥାମାନେ ଜମା ରାଶି ନେଇ ମାଚ୍ୟୁରିଟି ପରେ ଟଙ୍କା ନ ଫେରାଇ ନୂଆ ଯୋଜନାରେ ଜମାରାଶି କାଗଜ ଧରାଉଛନ୍ତି। ଏପରି ଜମା ସଂଗ୍ରହ ବନ୍ଦ ରଖି ଆଗାମୀ ୧୫ ଦିନ ମଧ୍ୟରେ ପ୍ରତ୍ୟେକଙ୍କ ମାଚ୍ୟୁରିଟି ଟଙ୍କା ସୁଧ ସହ ଫେରସ୍ତ କରିବାକୁ ପାଇଁ ଦାବି ହୋଇଛି। ସେହିପରି ଜମାକାରୀଙ୍କୁ ଠକିଥିବା ପ୍ରତ୍ୟେକ ଅସାଧୁ କଂପାନୀର ସ୍ଥାବର ଓ ଅସ୍ଥାବର ସଂପତ୍ତି ଜବତ କରି ସେହି ସଂପତ୍ତିର ଖୋଲା ନିଲାମ ଅର୍ଥ ଜମାକାରୀଙ୍କୁ ଫେରସ୍ତ ସହ କେଉଁ କେଉଁ ସଂସ୍ଥାର କେତେକ ସଂପତ୍ତି ଜବତ ଓ ବିକ୍ରୟ କରାଯାଇଛି ତାହାର ଶ୍ୱେତପତ୍ର ପ୍ରକାଶ ପାଇଁ ଦାବି ହୋଇଛି।

## ଆମ୍ବେଡକର ମହିଳା ସଂଘ ପକ୍ଷରୁ ଶୋକସଭା

ବ୍ରହ୍ମପୁର ଅଫିସ,୧୧।୨

ଲାଞ୍ଜିପଲ୍ଲୀ ଆମ୍ବେଡକର ମହିଳା ସଂଘ ପକ୍ଷରୁ ଶୁକ୍ରବାର ଆମ୍ବେଡକର ନଗରଠାରେ ଭାରତରତ୍ନ ଲତା ମଙ୍ଗେସକରଙ୍କ ଅମର ଆତ୍ମାର ସଦଗତି କାମନା ପୂର୍ବକ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ସଭାନେତ୍ରୀ ମମତା ନାୟକ, ସେକ୍ରେଟେରୀ କୁମାରୀ ସଚିତା ହାତୀ, କୋଷାଧ୍ୟକ୍ଷ ସରୋଜିନୀ ହାତୀ, ସରୋଜ କୁମାର ହାତୀ, ମନୋଜ କୁମାର ମୁଖ, ଅଶୋକ ନିମାଇଁ, ଦିଗାମ୍ବର ହାତୀ, ଶଙ୍କର ହାତୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ତାଲାବନ୍ଦ ଘରୁ ଗହଣା ଚୋରି

ବ୍ରହ୍ମପୁର ଅଫିସ,୧୧।୨

ସଦର ଥାନା ଅନ୍ତର୍ଗତ ଶକ୍ତିନଗରସ୍ଥିତ ଏକ ତାଲାବନ୍ଦ ଘରୁ ଚୋରି ହୋଇଛି। ଗୃହକର୍ତ୍ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଚୋର ଗ୍ୟାଙ୍ଗ ଘରୁ ସୁନା ଗହଣା ଚୋରାଇ ନେଇଛନ୍ତି। ଶୁକ୍ରବାର ଏହି ଘଟଣା ଜଣାପଡ଼ିଛି। ମୃଣାଳିନୀ ମିଶ୍ର ତାଙ୍କ ଝିଅ ସହିତ ଶକ୍ତିନଗର ସପ୍ତମ ଲାଇନ୍‌ରେ ଭଡ଼ାଘରେ ରହୁଛନ୍ତି। ଗତ ପ୍ରାୟ ୩ଦିନ ହେଲା ସେମାନେ ତାଙ୍କର ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଘରେ ତାଲା ପଡ଼ିଥିଲା। ଶୁକ୍ରବାର ସକାଳେ ସେମାନେ ବ୍ରହ୍ମପୁର ଫେରି ଘରକୁ ଯାଇଥିବା ବେଳେ ତାଲା ଭଙ୍ଗା ଯାଇଥିବା ଓ ଘରେ ଜିନିଷପତ୍ର ଫିଙ୍ଗା ଫୋପଡ଼ା ହୋଇଥିବା ଦେଖିଥିଲେ। ଆଲମୀରାରୁ କାନଫୁଲ, ସୁନା ଚୁଡ଼ି ଓ ୧୦ହଜାର ଟଙ୍କା ଗାଏବ ହୋଇଥିବା ଦେଖି ମୃଣାଳିନୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି।

## ବିଏମ୍‌ସି ନିର୍ବାଚନ ନେଇ ସର୍ବଦଳୀୟ ବୈଠକ

ବ୍ରହ୍ମପୁର ଅଫିସ,୧୧।୨



ବୈଠକରେ ଉପସ୍ଥିତ ଉପଜିଲାପାଳ ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା।

ବ୍ରହ୍ମପୁର ମହାନଗର ନିଗମ ନିର୍ବାଚନ (ବିଏମ୍‌ସି)ରେ ନିର୍ବାଚନ ନେଇ ଶୁକ୍ରବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମସି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ୱାର୍ଡଗୁଡିକର ଭୋଟର ସଂଖ୍ୟାରେ ତାରତମ୍ୟ ରହିଥିବା ନେଇ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ କହିଥିଲେ। ତେବେ ପ୍ରକାଶ ପାଇଥିବା ଭୋଟର ତାଲିକା ଯାଞ୍ଚକରି ଆପତ୍ତି, ଅଭିଯୋଗ ଦାଖଲ କରିବାକୁ ଉପଜିଲାପାଳ କହିଥିଲେ। ସମସ୍ତ ୱାର୍ଡର ପ୍ରମୁଖ ସ୍ଥାନଗୁଡ଼ିକରେ ପ୍ରଦର୍ଶିତ ଏହି ତାଲିକା ୧୫ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରହିବ। ଭୋଟର ସେମାନଙ୍କ ନାମ ସଂପୃକ୍ତ ୱାର୍ଡରେ ଠିକ୍ ତାଲିକା ଭୁକ୍ତ ହୋଇଛି କି ନାହିଁ ଯାଞ୍ଚ କରିବାକୁ ଉପଜିଲାପାଳ ଅନୁରୋଧ କରିଛନ୍ତି। ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାରେ ଥାଇ ୱାର୍ଡୱାରୀ ପ୍ରସ୍ତୁତ ଭୋଟର ତାଲିକାରେ ସ୍ଥାନ ପାଇନାହିଁ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ନିମନ୍ତେ ନିର୍ବାଚନ ଅଧିକାରୀଙ୍କ ଠାରେ ଆସନ୍ତା ୧୬ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଦାଖଲ କରିପାରିବେ ବୋଲି କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ନିର୍ବାଚନ ଅଧିକାରୀ ଡି.ମାଲେଶ୍ୱର ପାତ୍ରଙ୍କ ସମେତ ବିଜେଡି ପକ୍ଷରୁ ମନୋଜ ମହାପାତ୍ର, ଭାଜପାର ପ୍ରଦୀପ ଶତପଥୀ, କଂଗ୍ରେସରୁ ମହେଶ୍ୱର ପାତ୍ର, ସିପିଆଇଏମର ଯୁଧିଷ୍ଠିର ବେହେରା, ଗୋପାଳ ପାଣିଗ୍ରାହୀ ଓ ସ୍ୱାଧୀନ ଭାବେ ଅଶୋକ ଶୁକ୍ଳ ଯୋଗ ଦେଇଥିଲେ।

## ପଞ୍ଚାୟତ ନିର୍ବାଚନରେ ବୃଦ୍ଧି ପାଉଛି ମଦ ବେପାର

ବୁଗୁଡ଼ା,୧୧।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ମତଦାନ ଦିବସ ନିକଟ ହେଲାଣି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବୁଗୁଡ଼ା ବ୍ଲକର ସବୁଆଡ଼େ ପ୍ରଚାର ଜୋରଦାର ଚାଲିଛି। ଜିଲା ପରିଷଦ ସଭ୍ୟଠାରୁ ୱାର୍ଡସଭ୍ୟ ପର୍ଯ୍ୟନ୍ତ ସବୁ ପ୍ରାର୍ଥୀ ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ସମସ୍ତ ଉଦ୍ୟମ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଅଞ୍ଚଳରେ ଚୋରା ମଦ ବଢ଼ି ଚାଲିଥିବା ଯୋଗୁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଗୁଡ଼ା ବ୍ଲକର ପ୍ରାୟ ସମସ୍ତ ଗାଁରେ ମଦ କାରବାର ତା'ର କାୟା ବିସ୍ତାର କରିପାରିଛି। ଏହାର ସୁଯୋଗ ନେଇ ଚୋରା ବେପାରୀ ଅଧିକ ସକ୍ରିୟ ହୋଇ ଉଠୁଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଆହୁରି ଅଧିକ କାରବାର କରିବା ପାଇଁ ବେପାରୀମାନେ ପୂର୍ବ ପ୍ରସ୍ତୁତି କରୁଥିବା ମଦୁଆଙ୍କ ସଂଖ୍ୟା ବୃଦ୍ଧିରୁ ଜଣାପଡ଼ିଛି। କିଛି ଦିନ ହେବ ସକାଳୁ ରାତି ଯାଏ ମଦୁଆଙ୍କ ଆସର ଜମୁଛି। ଗାଁର ଶାନ୍ତ ପରିବେଶ ଅଶାନ୍ତ ଆଡ଼କୁ ଗତି କରିବାରେ ଲାଗିଲାଣି। ପୋଷ୍ଟର ବ୍ୟାନର ମାରିବାଠାରୁ ଆରମ୍ଭ କରି ପ୍ରଚାରରେ ଏମାନଙ୍କୁ ସାମିଲ କରିବା ପାଇଁ ପ୍ରାର୍ଥୀମାନଙ୍କୁ ଏହି ଯୁବକମାନଙ୍କ ଆବଶ୍ୟକତା ରହୁଛି। ଏଣୁ ସେମାନଙ୍କୁ ଆକର୍ଷିତ କରିବା ପାଇଁ ନିଶାର ପ୍ରଲୋଭନ ପକାଉଛନ୍ତି। ନୂତନ ଯୁବ ପୀଢ଼ି ରାତିରେ ମଦ୍ୟପାନ କରି ଏମାନେ ଘରକୁ ଫେରୁଛନ୍ତି। ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷରେ ଚୋରା ମଦ ବେପାରୀଙ୍କ ସକ୍ରିୟତା ଯୋଗୁ ନିର୍ବାଚନୀ ନଈରେ ମଦର ବନ୍ୟାରେ ମଦୁଆମାନେ ଉବୁଟୁବୁ ହେଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏଣୁ ପଞ୍ଚାୟତ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ହିଂସାମୁକ୍ତ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ନଜର ଦେବାକୁ ଦାବି ହୋଇଛି।

## ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଓ କଳସ ଯାତ୍ରା

କବିସୂର୍ଯ୍ୟନଗର,୧୧।୨(ଡି.ଏନ.ଏ.)

କବିସୂର୍ଯ୍ୟନଗର ଧୋବାବନ୍ଧ ହିଡ ମୁଖ୍ୟ ରାସ୍ତା କଡରେ ଥିବା ବଟଉସ୍ତ ବୃକ୍ଷ ମୂଳରେ ଏହି ଅଞ୍ଚଳବାସୀଙ୍କ ଉଦ୍ୟମରେ ତ୍ରିନାଥ ମହାପ୍ରଭୁଙ୍କ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ମନ୍ଦିର ଓ ତ୍ରିନାଥ ମହାପ୍ରଭୁଙ୍କ ସ୍ଥାପନ ନିମନ୍ତେ କଳସ ଯାତ୍ରାରେ ବହୁ ମହିଳା ଯୋଗ ଦେଇଥିଲେ। ଏହି ଉତ୍ସବରେ ପ୍ରାକ୍ତନ ଏନ୍‌ଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, ବିକ୍ରାନ୍ତ କୁମାର ସାହୁ, ପ୍ରଶ୍ନ ନାୟକ, ବାସୁଦେବ ସାହୁ, ତୋଫାନ ଆଚାରୀ, ଭାଲୁ ଜେନା, ତ୍ରିଲୋଚନ ପାତ୍ର, ଦିଲ୍ଲୀପ ସାହୁ, ଲକ୍ଷଣ ସେଠି ଆଦି ଯୋଗ ଦେଇଥିଲେ। କର୍ତ୍ତା ଭାବେ ରବି ସାହୁ ଓ ସହଧର୍ମିଣୀ କାର୍ଯ୍ୟ ସମାପନ କରିଥିଲେ।

## ଉପଜିଲାପାଳଙ୍କ ଉପସ୍ଥିତିରେ ଫ୍ଲାଗ୍ ମାର୍ଚ୍ଚ

ବୁଗୁଡା,୧୧।୨(ଡି.ଏନ.ଏ.)

ବୁଗୁଡା ପୋଲିସ ପକ୍ଷରୁ ଶୁକ୍ରବାର ଥାନାଧିକାରୀ ଚିତରଞ୍ଜନ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଗୋଳିଆ, ବାଦୁଆ, ଭାମଶିଆଳି ଆଦି ଗ୍ରାମରେ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ତହସିଲଦାର ସଂଗ୍ରାମ କେଶରୀ ଜେନା, ଅତିରିକ୍ତ ଥାନାଧିକାରୀ ଶର୍ମିଷ୍ଠା ପ୍ରଧାନ, ଏସ୍‌ଆଇ କ୍ଷେତ୍ରମୋହନ ସାହୁ, ଏସ୍‌ଆଇ ସମିର କୁମାର ସେଠୀ ଏବଂ ଅନ୍ୟ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ରହି ନିର୍ବାଚନରେ କୌଣସି ବିଶୃଙ୍ଖଳା ନ କରିବା ପାଇଁ ସଚେତନ କରିଥିଲେ।

## ଚିଟ୍‌ଫଣ୍ଡ ସଂସ୍ଥା ମାଲିକ ଗିରଫ

ବ୍ରହ୍ମପୁର ଅଫିସ,୧୧।୨

ଟାଉନ ଥାନା ପୋଲିସ ୱାରେଣ୍ଟ ବଳରେ ଏକ ଚିଟଫଣ୍ଡ ସଂସ୍ଥାର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ଗ୍ରୀନ ଇଣ୍ଡିଆ ଚିଟଫଣ୍ଡ ସଂସ୍ଥାର ଅନ୍ୟତମ ମାଲିକ ତଥା ବଡବଜାର ଥାନା ଅନ୍ତର୍ଗତ ଗଣେଶ ନଗରର ଜିତେନ୍ଦ୍ର କୁମାର ମିଶ୍ର ଓରଫ ଜିତୁ (୪୬)। ତାଙ୍କ ବିରୋଧରେ ୯୦୮/୧୪, ୨/୧୬, ୪/୧୬ ଓ ୬/୧୬ ଏପରି ୪ ୱାରେଣ୍ଟ ରହିଥଲା। ପୋଲିସ ଉକ୍ତ ୱାରେଣ୍ଟ ବଳରେ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବୋଲି ଥାନା ଏସଆଇ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବ୍ରହ୍ମପୁରରେ ଥିବା ଗ୍ରୀନ ଇଣ୍ଡିଆ ସଂସ୍ଥା ଜିଲାରେ ଜମାକାରୀଙ୍କୁ ଅଧିକ ସୁଧଦେବା ପ୍ରତିଶ୍ରୁତି ଦେଇ ବହୁ କୋଟି ଠକି ନେଇଥିଲା। ଏ ନେଇ କ୍ଷତିଗ୍ରସ୍ତ ଜମାକାରୀ ବିଭିନ୍ନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ପୂର୍ବରୁ ଚିଟ୍‌ଫଣ୍ଡ ସଂସ୍ଥାର ମୁଖିଆ ସମେତ କେତେଜଣ କର୍ମଚାରୀଙ୍କୁ ଗିରଫ କରିଥିଲା।

## ହତ୍ୟା ଅଭିଯୁକ୍ତଙ୍କ ହେଲା ପଲିଗ୍ରାଫ ଟେଷ୍ଟ

ଆସିକା,୧୧।୨(ଡି.ଏନ.ଏ.)

ଆସିକା-ବାଲିପଦର ମୁଖ୍ୟରାସ୍ତାର ଚିନିଶିଳ୍ପ ସଂଲଗ୍ନ କଇଁଫୁଲିଆ ନାଳରେ ପଡିଯାଇ ଗତ ଅକ୍ଟୋବର ୨୯ରେ ଚିନିଶିଳ୍ପ ନୂଆଗାଁର ନିହାର ରଞ୍ଜନ ନାୟକଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଅଭିଯୁକ୍ତ ଧନମାଳି ସିୟ ଓ ଅନିଲ ନାହାକଙ୍କ ଶୁକ୍ରବାର ପଲିଗ୍ରାଫ ଟେଷ୍ଟ କରାଯାଇଛି। ଆସିକା ପୋଲିସ ପକ୍ଷରୁ ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ରାଜ୍ୟ ଫରେନ୍‌ସିକ ଲେବୋରେଟୋରିକୁ ନିଆଯାଇ ଏହି ଟେଷ୍ଟ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରାଥମିକ ସ୍ତରରେ ପୋଲିସ ପକ୍ଷରୁ ଏହାକୁ ଏକ ଆତ୍ମହତ୍ୟା ବୋଲି ବିବେଚନା କରାଯାଇ ଆସିକା ଥାନାରେ ନଂ.୨୩/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତେବେ ପରବର୍ତ୍ତି ଅବସ୍ଥାରେ ମୃତକଙ୍କ ବେକରେ କଟା ଦାଗ ଥିବାରୁ ମୃତକଙ୍କ ବାପ ସୁରେନ୍ଦ୍ରନାଥ ନାୟକ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ପୋଲିସ ନଂ. ୭୧୬/୨୧ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ତେବେ ମୃତକଙ୍କୁ ସାଙ୍ଗରେ ନେଇ ଏକ ବାଇକରେ ଯାଉଥିବା ୨ ଅଭିଯୁକ୍ତ ନିହାର ବାଇକରୁ କଇଁଫୁଲିଆ ନାଳକୁ ଡେଇଁ ପଡିବାରୁ ମୃତ୍ୟୁ ଘଟିଥିବା ପୋଲିସରେ ବୟାନ ଦେଇଥିଲେ। ଅପରପକ୍ଷେ ମୃତକଙ୍କ ବାପା ଏହା ଏକ ହତ୍ୟା ମାମଲା ବୋଲି ଅଭିଯୋଗ କରିଥିବାରୁ ଅଭିଯୁକ୍ତଙ୍କ ସତ୍ୟାସତ୍ୟର ତଦନ୍ତ ଲାଗି ସେମାନଙ୍କ ପଲିଗ୍ରାଫ ଟେଷ୍ଟ କରାଯାଇଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲା

ବ୍ରହ୍ମପୁର ଅଫିସ,୧୧।୨

ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ୍) ମନୋଜ କୁମାର ଏକ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ଅଭବାରୁ ଅଭିଯୁକ୍ତ ହିମାଂଶୁ କୁମାର ସାହୁଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

୨୦୧୬ ଅକ୍ଟୋବର ୨୬ ତାରିଖରେ ଖୋଡ଼ାସିଂ ନିକଟ ଇଞ୍ଜିନିୟରିଂ ସ୍କୁଲ ଛକରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀରେ ଥିବା ଗୋଷାଣି ନୂଆଗାଁ ଡାମଣା ସାହିର ହିମାଂଶୁ ସେଠାରେ ଠିଆ ହୋଇଥିବା କୃତିବାସ ମିଶ୍ରଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ପରେ ବୈଦ୍ୟନାଥପୁର ପୋଲିସ ନଂ.୧୮୦/୧୬ରେ ମାମଲା ରୁଜୁ କରି ହିମାଂଶୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଶୁକ୍ରବାର ଏହି ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳି ନ ଥିବାରୁ ଅଭିଯୁକ୍ତ ନିର୍ଦ୍ଦୋଷ ବୋଲି ଏସିଜେଏମ ରାୟ ଦେଇଛନ୍ତି। ମୁଦୁଲାଙ୍କ ପକ୍ଷରୁ କୃଷ୍ଣ ପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ପରୀକ୍ଷା ବାତିଲ ଦାବିରେ ଛାତ୍ରଙ୍କ ଧାରଣା

ବ୍ରହ୍ମପୁର ଅଫିସ,୧୧।୨



ଛାତ୍ରମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ବ୍ରହ୍ମପୁର ସହର ଉପକଣ୍ଠ ନରେନ୍ଦ୍ରପୁରସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରମାନେ ପରୀକ୍ଷା ବାତିଲ ଦାବି ନେଇ ଶୁକ୍ରବାର ଧାରଣା ଦେଇଥିଲେ। ଛାତ୍ରମାନେ କଲେଜକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

କରୋନା ପ୍ରକୋପ କମି ଆସୁଥିବାରୁ ବର୍ତ୍ତମାନ ରାଜ୍ୟରେ ଶିକ୍ଷାନୁଷ୍ଠାନ ଖୋଲିଛି। ଅଫଲାଇନରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଅଫଲାଇନରେ ପରୀକ୍ଷା ଘୋଷଣା ହେବା ପରଠୁ ବିଭିନ୍ନ ମହାବିଦ୍ୟାଳୟ ପକ୍ଷରୁ ଏହାକୁ ବିରୋଧ କରିଆସୁଛନ୍ତି। ଚଳିତବର୍ଷ ସମ୍ପୂର୍ଣ୍ଣ ପାଠ୍ୟଖସଡ଼ା ସମାପ୍ତ ହୋଇ ନ ଥିବା ଦର୍ଶାଇ ଛାତ୍ରମାନେ ପରୀକ୍ଷାକୁ ବିରୋଧ କରିଆସୁଛନ୍ତି। କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟର ଆନ୍ଦୋଳନରତ ଯୁକ୍ତ ୨ ଛାତ୍ରମାନେ ରାସ୍ତା ଅବରୋଧ କରିବା ସହ ଅଧ୍ୟକ୍ଷଙ୍କୁ ପରୀକ୍ଷା ବାତିଲ କରିବା ନିମନ୍ତେ ଲିଖିତ ଦାବି ଜଣାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ ମିଶ୍ର କହିଛନ୍ତି, ଛାତ୍ରଙ୍କ ଦାବି ସମ୍ପର୍କରେ ମାଧ୍ୟମିକ ଶିକ୍ଷା ପରିଷଦକୁ ଅବଗତ କରାଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ଯାହା ନିଷ୍ପତ୍ତି ହେବ ତାହା କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି।

## ସିପିଆଇଏମ୍ ପ୍ରାର୍ଥିନୀଙ୍କ ପ୍ରଚାର ଗଡ଼ ରକ୍ଷା କରିବାକୁ ପ୍ରୟାସ ଜାରି

ଗଞ୍ଜାମ,୧୧।୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ୧୪ ନମ୍ବର ଜିଲାପରିଷଦ ପ୍ରାର୍ଥିନି ଗାୟତ୍ରୀ ଗୌଡ଼ ଶୁକ୍ରବାର ମାରାଥନ ନିର୍ବାଚନ ପ୍ରଚାର କରିଛନ୍ତି। ସନ୍ତୋଷପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ରାଜ୍ୟ ସରକାରଙ୍କ ଜନମରଣା ନୀତି, ରାଶନ କାର୍ଡ ଦୁର୍ନୀତି ଏବଂ ଚାଷୀମାନଙ୍କ ସମସ୍ୟା ନେଇ ଲୋକଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ଖଣ୍ଡଦେଉଳି ସରପଞ୍ଚ ବୈରାଗୀ ବେହେରା, ସିପିଆଇଏମ ବରିଷ୍ଠ ନେତା ରାମଚନ୍ଦ୍ର ଗୌଡ଼, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ, କୃଷ୍ଣ ମହାଣ୍ଡ, ତ୍ରିନାଥ ବେହେରା, ଯୋଗୀ ଜେନାଙ୍କ ସମେତ ବହୁ ଦଳୀୟ କର୍ମୀ ପ୍ରଚାରରେ ସାମିଲ ଥିଲେ। ପ୍ରକାଶ ଯୋଗ୍ୟ, ଏକଦା ଗଞ୍ଜାମ ବ୍ଲକର ୧୪ ନମ୍ବର ଜୋନ ସିପିଆଇଏମ୍‌ର ଗଡ଼ ଭାବେ ପରିଚିତ ଥିଲା।

